# India – Nigeria Strategic and Counter-Terrorism Dialogue

March 05, 2021

## ଭାରତ – ନାଇଜେରିଆ ମଧ୍ୟରେ ରଣନୀତିକ ଏବଂ ଆତଙ୍କବାଦ ବିରୋଧୀ ଆଲୋଚନା

ମାର୍ଚ୍ଚ 05, 2021

ଜାତୀୟ ସୁରକ୍ଷା ପରାମର୍ଶଦାତା ଶ୍ରୀ ଅଜିତ କେ ଡୋଭାଲଙ୍କ ନିମନ୍ତ୍ରଣ କ୍ରମେ ନାଇଜେରିଆର ଜାତୀୟ ସୁରକ୍ଷା ପରାମର୍ଶଦାତା ମେଜର ଜେନେରାଲ (ଅବସରପ୍ରାପ୍ତ) ବାବାଗାନା ମୋଙ୍ଗୁନୋ 4-5 ମାର୍ଚ୍ଚ 2021ରେ ଭାରତ ଏବଂ ନାଇଜେରିଆ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜାତୀୟ ସୁରକ୍ଷା ପରାମର୍ଶଦାତାସ୍ତରୀୟ ପ୍ରଥମ ରଣନୀତିକ ଏବଂ ଆତଙ୍କବାଦ ବିରୋଧୀ ଆଲୋଚନାରେ ଭାଗନେବା ପାଇଁ ନୂଆଦିଲ୍ଲୀ ଗସ୍ତରେ ଆସିଥିଲେ।

ଭାରତ ଏବଂ ନାଇଜେରିଆ ମଧ୍ୟରେ ଘନିଷ୍ଠ ତଥା ରଣନୀତିକ ଭାଗିଦାରୀର ଢାଞ୍ଚାରେ ଜାତୀୟ ସୁରକ୍ଷା ପରାମର୍ଶଦାତା ଆତଙ୍କବାଦ, ଉଗ୍ରବାଦ, ସାଇବର ସ୍ପେସରେ ଚରମପନ୍ଥୀ କାର୍ଯ୍ୟକଳାପ, ଅନ୍ତର୍ଜାତୀୟ ଅପରାଧ, ଅସ୍ତ୍ରଶସ୍ତ୍ର ଏବଂ ନିଶାଦ୍ରବ୍ୟ ଚୋରା ଚାଲାଣ ଏବଂ ଡକାୟତି ଯୋଗୁ ଗଣତାନ୍ତ୍ରିକ ସମାଜ ସମ୍ମୁଖୀନ ହେଉଥିବା ବିପଦ ତଥା ଆହ୍ୱାନ ଉପରେ ଗଭୀର ଆଲୋଚନା କରିଥିଲେ।

ସମସ୍ତ ପ୍ରକାର ଆତଙ୍କବାଦ ବିରୁଦ୍ଧରେ ଲଢେଇକୁ ଜୋରଦାର କରିବା ପାଇଁ ଦୁଇ ପକ୍ଷ ସହଯୋଗର ନିର୍ଦ୍ଦିଷ୍ଟ କ୍ଷେତ୍ର ଚିହ୍ନଟ କରିଛନ୍ତି ଯାହା ସେମାନଙ୍କର ଦୃଢ ବିଶ୍ୱାସକୁ ପୁନଃନିଶ୍ଚିତ କରେଯେ କୌଣସି ରୂପରେ ଆତଙ୍କବାଦର କୌଣସି ଯଥାର୍ଥତା ନାହିଁ। ଆନ୍ତର୍ଜାତୀୟ ମଞ୍ଚରେ ଦୁଇ ଦେଶ ମଧ୍ୟରେ ସହଯୋଗ ବୃଦ୍ଧି କରିବାକୁ ଏବଂ ଏହି କ୍ଷେତ୍ରରେ ନିୟମିତ ଯୋଗାଯୋଗ ବଜାୟ ରଖିବାକୁ ସେମାନେ ସହମତ ହୋଇଥିଲେ।

ନାଇଜେରିଆର ଜାତୀୟ ସୁରକ୍ଷା ପରାମର୍ଶଦାତା ନିଜ ଗସ୍ତ ସମୟରେ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କୁ ମଧ୍ୟ ଭେଟିଥିଲେ।

**ନୂଆଦିଲ୍ଲୀ**

ମାର୍ଚ୍ଚ 05, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.